ଧରିତ୍ରୀ
DHARITRI

21.08.2021

# ଆଇଆଇଟିରେ ଯୋଡ଼ିହେବ ଓଡ଼ିଆ ଭାଷା

କଟଣୀ,୨୦।୮(ଡି.ଏନ୍.ଏ.)

କଟଣୀ ଅରଗୁଳସ୍ଥିତ ଆଇଆଇଟି, ଭୁବନେଶ୍ୱର କ୍ୟାମ୍ପସରେ ୮୦୦ଶଯ୍ୟା ବିଶିଷ୍ଟ ଋଷିକୁଲ୍ୟା ହଲ୍ ଅଫ୍ ରେସିଡେନ୍ସି ଛାତ୍ରାବାସ ଏବଂ ପୁଷ୍ପଗିରି ଲେକ୍ଚର ହଲ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଛନ୍ତି। ଏଥିସହ ଓଡ଼ିଆ ଭାଷାକୁ ଏହି ଶିକ୍ଷାନୁଷ୍ଠାନରେ ଯୋଡ଼ିବା ପାଇଁ କର୍ତ୍ତୃପକ୍ଷଙ୍କୁ ପ୍ରଧାନ ପରାମର୍ଶ ଦେଇଛନ୍ତି।

ନୂତନ ଜାତୀୟ ଶିକ୍ଷା ନୀତିରେ ବହୁ ଭାଷାଭାଷୀ ବିଷୟକୁ ଗୁରୁତ୍ୱ ଦିଆଯାଇଛି। ଯୁବତୀ ଯୁବକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡ଼ିଆ ଭାଷା ସମେତ ଦେଶର ସ୍ଥାନୀୟ ଭାଷା ବଙ୍ଗାଳି, ତେଲୁଗୁ, ମାଲାୟାଲମ, ମରାଠି, ଗୁଜୁରାଟୀ ଭଳି ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ଭାଷା ଗୋଟେ ଜାତି ଏବଂ ମଣିଷର ପରିଚୟ।

## ଆଇଆଇଟି ଭୁବନେଶ୍ୱରର ଛାତ୍ରାବାସ ଓ ଲେକ୍ଚର ହଲ୍ ଲୋକାର୍ପଣ

- ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ଏମ୍ଓୟୁ
- ଆଞ୍ଚଳିକ ଭାଷାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଜାତୀୟ ଶିକ୍ଷାନୀତିର ଲକ୍ଷ୍ୟ



ଲୋକାର୍ପଣ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

ତେଣୁ ଶିକ୍ଷାକ୍ଷେତ୍ରରେ ଆଞ୍ଚଳିକ ଭାଷାର ବିକାଶ ନିମନ୍ତେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ରହିଛି ବୋଲି ପ୍ରଧାନ କହିଥିଲେ। ଆଇଆଇଟି, ଭୁବନେଶ୍ୱରର ସାମାଜିକ ମର୍ଯ୍ୟାଦା ଏବଂ ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ପାଇଁ ଦେଶରେ ର୍‍ୟାଙ୍କିଙ୍ଗରେ ଭଲ ସ୍ଥିତି ରହିଛି। ଏହାକୁ ଆହୁରି ଉନ୍ନତ କରି ଆଗକୁ ନେବା ପ୍ରୟାସ ନିମନ୍ତେ ଅନୁଷ୍ଠାନର ଡାଇରେକ୍ଟର ଏବଂ ତାଙ୍କ ଟିମ୍‌କୁ କୃତଜ୍ଞତା ଜଣାଇଥିଲେ। ଦେଶରେ ଏକବିଂଶ ଶତାବ୍ଦୀରେ ଆଇଆଇଟି ଭୁବନେଶ୍ୱର ଏକ ନୂତନ ମନ୍ଦିର ହେଉ ବୋଲି ପ୍ରଧାନ କହିଥିଲେ। ଆଇଆଇଟି ନିର୍ଦ୍ଦେଶକ ଆର.ଭି.ରାଜକୁମାର ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ରୋଜଗାର ଦେବା ପାଇଁ ଆଇଆଇଟି ଭୁବନେଶ୍ୱର ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠା, ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଜିତ ରାୟ, ପ୍ରଫେସର ସରୋଜ ନାୟକ, ଡ.ପ୍ରଭାସ ଆର.ସାହୁ, ପ୍ରଫେସର ପି.ଭି.ସତ୍ୟମ, ଡ.ସୁମନ୍ତ ହଲଦାର, ଡ.ସାନ୍ତନୁ ପାଳ, କୁଳସଚିବ ଦେବରାଜ ରଥଙ୍କ ସମେତ ଶିକ୍ଷାର୍ଥୀ ଏବଂ ଅନୁଷ୍ଠାନର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସିଂ ଧନ୍ୟବାଦ ଦେଇଥିଲେ।